# Akashvani, Sambalpur

## SAMBALPURI NEWS BULLETIN

### 26 March 2024- 6.47- 6.52 am.

******************************************

ହୋଲି             ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହୋଲି । ଗାଁ ନୁ ନେଇକରି ସହର୍‌ତକ୍ ଖୋବ୍ ଉସ୍‌ନାକିଥି ଲୁକେ ମନଉଛନ୍ ରଙ୍ଗର୍ ପରବ୍ ହୋଲି । ହୋଲି ଉତ୍ସବ୍ ପାଲନ୍ ଆଘୋନୁ ଆଏଜ୍ ସଖାଲୁ ମନ୍ଦିର୍ ମାନ୍‌କେ ଖାସ୍ ପୂଜା କରାଯାଉଛେ । ଗଲାକାଏଲ୍ ପଶ୍ଚିମ ଓଡ଼ିଶାର୍ ସବୁ ଜାଗା ନ ଗୁଁଡ଼ିଖାଇ ମନାଯାଇଛେ । ଋତୁର୍ ନୂଆଁ ଫଲ୍ ଫୁଲ୍ ଦେବଦେବ୍‌ତାଙ୍କର୍ ନ ଭୋଗ୍ ଲଗାଯାଇଛେ । ହୋଲି ଅବ୍‌ସରେ ଗାଁ ଆର୍ ସହର୍‌ର ଭିନ୍ ଭିନ୍ ଜାଗା ନ ନାମଯଜ୍ଞ  ଆୟୋଜନ୍ କରାଯାଉଛେ । ଭୁବ୍‌ନେଶ୍ୱର୍ ସହେତେ ସବୁ ଜାଗା ନ କେନ୍‌ସି ଅଘଟନ୍‌କେ ରୁକ୍‌ବାର୍ ଲାଗି ନଏଦ୍ ଘାଟ୍, କେନାଲ୍ ମାନ୍‌କେ ଅଗ୍ନିଶମ ବାହିନୀର୍ କର୍ମଚାରୀମାନ୍‌କୁ ନିୟୋଜିତ୍ କରାଯାଇଛେ । ନଦୀର୍ ଗାଧୁଆ ଘାଟ୍ ମାନ୍‌କେ ଲାଇଫ୍ ଗାର୍ଡ୍

ଜାକେଟ୍ ଆର୍ ରବର୍‌ବୋଟ୍ ସହେତେ ୬ ଝନ୍ ଲେଖା ଉଦ୍ଧାର୍‌କାରୀ ଦଲ୍ ନିୟୋଜିତ କରାଯାଇଛେ ।

ସେନ୍ତା ସମ୍ବଲ୍‌ପୁରେ ଆଏଜ୍ ହୋଲି ଅବ୍‌ସରେ ହୋଲି ସମିଆଥି ଶାନ୍ତିଶୃଙ୍ଖଲା ରକ୍ଷା କର୍‌ବାର୍ ଦିଗେ ପୁଲିସ୍ ଆର୍ ପ୍ରଶାସନ୍ ତର୍‌ଫୁ ଦର୍‌କାରୀ ପଦକ୍ଷେପ୍ ନିଆଯାଇଛେ । ଫଗୁ ବେଭାର୍‌କେ ଜୋର୍ ଦିଆଯାଇଛେ ଆର୍ କେମିକାଲ୍ ମିଶା ରଙ୍ଗ୍ ନାଇଁ ଖେଲ୍‌ବାର୍‌କେ ଲୁକ୍‌କୁ କୁହାଯାଇଛେ । କିଛି ଅଘଟନ୍ ହେଲେ ୧୧୨ ନମ୍ବର୍‌କେ ଫୋନ୍ କର୍‌ବାର୍‌କେ ଅଗ୍ନିଶମ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପୂର୍ବତଟ ରେଲ୍‌ପଥ- ମାଲ୍ ପରିବହନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଚଲ୍‌ତି ଆର୍ଥିକ୍ ବଛର୍ ପୁରା ହେବାର୍ ୬ ଦିନ୍ ଆଘୋନୁ ପୂର୍ବତଟ ରେଲ୍‌ପଥ ୨ ଶହ ୫୦ ନିୟୁତ ଟନ୍ ମାଲ୍ ପରିବହନ୍ କରିକରି କୀର୍ତିମାନ୍ ଥାପ୍‌ନା କରିଛେ । ପୂର୍ବତଟ ରେଲ୍‌ପଥ ଆଘର୍ ସବୁ ରେକର୍ଡ଼୍‌କେ ଭାଙ୍ଗିକରି ରେଲ୍‌ବାଇର ସବୁ ଜୋନ୍‌ନୁ ଅଏତ୍‌କା ମାଲ୍ ପରିବହନ୍ କରିଛେ । ଇ ସମିଆ ଭିତ୍‌ରେ ଶହେ ୪୯ ଦଶ୍‌ମିକ୍

୫/ଶୂନ୍/୭ ନିୟୁତ ଟନ୍ କୁଇଲା ପରିବହନ୍ କରିଛେ । ଲଗାତାର୍ ୫ ଥର୍ ଲାଗି ପୂର୍ବତଟ ରେଲ୍ପଥ୍ ୨ ଶହ ମିଲିୟନ୍ ଟନ୍ନୁ ଅଏତ୍କା ମାଲ୍ ବୁଝେଇ କରିକରି ମାଇଲ୍ଖୁଂଟ ଅତିକ୍ରମ କରିଛେ । ପୂର୍ବତଟ ରେଲ୍ପଥ ଅଧୀନ୍ଥି ଥିବା ତିନ୍ହି ରେଲ୍ମଣ୍ଡଲ୍ ଭଲ୍ କାମ୍ କରିଥିବାର୍ନୁ ଇ ଲକ୍ଷ୍ୟ ହାସଲ୍ ହେଇପାରିଛେ ବଲି ପୂର୍ବତଟ ରେଲ୍ପଥର ମହାପ୍ରବନ୍ଧକ ମନୋଜ ଶର୍ମା କହିଛନ୍ ।

ଏମ୍ସିଏଲ୍- କୁଇଲା ଉତ୍ପାଦନ୍ ଆର୍ଏନ୍ୟୁ / ସମ୍ବଲପୁର

୨୦୨୩-୨୪ ଆର୍ଥିକ୍ ବଛରେ ୨ ଶହ ମିଲିୟନ୍ ଟନ୍ କୁଇଲା ଉତ୍ପାଦନ୍ କର୍ବାର୍ଥି ମହାନଦୀ କୋଲ୍ଫିଲ୍ଡ୍ସ୍ ଲିମିଟେଡ୍-ଏମ୍ସିଏଲ୍ ପହେଲା ଠାନ୍ ପାଇଛେ । ଇତାର୍ସହେତେ କୁଇଲା ଉଦ୍ୟୋଗ୍ଥି ଗୁଟେ ନୂଆଁ ମାନଦଣ୍ଡ ଆର୍ ଉତ୍କୃଷ୍ଟତାର୍ କୀର୍ତିମାନ୍ ଥାପନା କରିପାରିଛେ ବଲି ଏମ୍ସିଏଲ୍ର ଅଧ୍ୟକ୍ଷ ତଥା ପ୍ରବନ୍ଧନ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓ୍ୱଲେ ସୂଚ୍ନା ଦେଇଛନ୍ । ଦେଶର୍ ଶକ୍ତି ଆବଶ୍ୟକତାକେ ନଜର୍ଥି ରଖିକରି ଏମ୍ସିଏଲ୍ ଜଳ୍ବଳ୍ କୁଇଲା ଉତ୍ପାଦନ୍ କର୍ବାର୍ ଦିଗେ ପଦକ୍ଷେପ୍ ନେଇଛେ ବଲି ଶ୍ରୀ କାଓ୍ୱଲେ କହିଛନ୍ ।

ଫାଷ୍ଟଟ୍ୟାଗ୍                                    ଆର୍‌ଏନ୍‌ୟୁ /  ସମ୍ବଲପୁର

ଗାଡ଼ିମାନ୍‌କେ ଲାଗିଥିବା ଫାଷ୍ଟଟେଗ୍‌କେ ବେଙ୍କ୍ ସହେତେ କେୱାଇସି ନାଇଁ କରିଥିଲେ ୩୧ ମାର୍ଚ୍ଚ ଉତାରୁ ସେଟା ବନ୍ଦ୍ ହେଇଯିବା । ଫାଷ୍ଟଟେଗ୍‌ଥି ବେଲେନ୍ସ ଥିଲେ ଭିଲ୍ ଆଉ କାମ୍ ନାଇଁକରେ । ରିଜର୍ଭ ବେଙ୍କ୍ ଅଫ୍ ଇଣ୍ଡିଆର ନିୟମ୍ ଅନ୍‌ସାରେ ଫାଷ୍ଟଟେଗ୍ ପ୍ରକ୍ରିୟା ପୁରା କର୍‌ବାର୍ ଲାଗି ଭାରତୀୟ ଜାତୀୟ ରାଜପଥ କର୍ତୃପକ୍ଷ - ଏନ୍.ଏଚ୍.ଏ.ଆଇ ତର୍‌ଫୁ କୁହାଯାଇଛେ । ଗାଡ଼ି ପଞ୍ଜିକରଣ୍ ପ୍ରମାଣ୍‌ପତ୍ର, ପରିଚୟ ପତ୍ର ସହେତେ ଠିକଣା ପ୍ରମାଣପତ୍ର ଦେଇକରି ଫାଷ୍ଟଟେଗ୍ ବେଭାର୍‌କାରୀମାନେ ଅନ୍‌ଲାଇନ୍ ଆର୍ ଅଫ୍‌ଲାଇନ୍ ଜରିଏ କେୱାଇସି ଅପ୍‌ଡେଟ୍ କରିପାର୍‌ବେ ।

ଇନ ଜନେଇ ଦିଆଯାଇପାରେ ଥରେ ଲଗାଯାଇଥିବା ଫାଷ୍ଟଟେଗ୍ ଷ୍ଟିକର୍ ୫ ବରସ୍‌ତକ୍ କାମ୍ କର୍‌ସି ତାର୍ ଉତ୍‌ରୁ ଫେର୍‌ଘାଏ କେୱାଇସି ଅପ୍‌ଡେଟ୍ କରିକରି ଷ୍ଟିକର୍ ବଦ୍‌ଲାବାର୍‌କେ ପଡ଼୍‌ସି ।

ପେନ୍‌ସନ୍ ଲାଗି ନୂଆଁ ନିୟମ୍           ଆର୍‌ଏନ୍‌ୟୁ /  ସମ୍ବଲପୁର

ଆଏବା ଏପ୍ରିଲ୍ ୧ ତାରିଖ୍‌ନୁ କେନ୍ଦ୍ର ଆଉ ରାଜ୍ୟ ସର୍‌କାରୀ ପେନ୍‌ସନ୍‌ଭୋଗୀ ମାନ୍‌କର୍ ଲାଗି ପେନ୍‌ସନ୍‌ଥି ନୂଆଁ ନିୟମ୍ ଲାଗୁ ହେବା ବଲି ପେନ୍‌ସନ୍ ଫଣ୍ଡ ରେଗୁଲେଟୋରୀ ଏଣ୍ଡ ଡେଭଲପ୍‌ମେଂଟ୍ ଅଥରିଟି ଜନେଇଛନ୍ । ନେସ୍‌ନାଲ୍ ପେନ୍‌ସନ୍ ସିଷ୍ଟମ୍‌ଥି ସୁରକ୍ଷା ଲାଗି ଇ ନୂଆଁ ନିୟମ୍ ଲାଗୁ ହେବା । ଏପ୍ରିଲ୍ ୧ ତାରିଖ୍‌ନୁ ନୂଆଁ ଆର୍ ଜୁନ୍‌ହା ସବୁ ପେନ୍‌ସନ୍‌ଭୋଗୀମାନେ ଟୁ ଫେକ୍ଟର୍ ଅଥେଂଟିକେସନ୍ - ଦୁଇଥାକିଆ ପ୍ରମାଣିକରଣ୍ ଉପଯୋଗ୍ କରିକରି ଏନ୍‌ପିଏସ୍ ସିଷ୍ଟମ୍‌ଥି ଲଗ୍‌ଇନ୍ କରିପାର୍‌ବେ । ଇଥୁ ଭିନ୍ ଭିନ୍ ସାଇବର୍ ଆଉ ଅନ୍‌ଲାଇନ୍ ଠକେଇକେ ରୁକାଯାଇପାର୍‌ବା ।

ବିଶ୍ୱ ଦକ୍ଷତା କେନ୍ଦ୍ର-ସ୍ୱଟ୍ ନାଁଲେଖା        ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ନ ଥିବାର୍ ବିଶ୍ୱ ଦକ୍ଷତା କେନ୍ଦ୍ରଥି ୨୦୨୪ -୨୫ ଶିକ୍ଷା ବଛର୍ ଲାଗି ଭିନ୍ ଭିନ୍ ଅତ୍ୟାଧୁନିକ୍ ବିଷେଥି ସ୍ୱଟ୍ ନାଁଲେଖା ଆଏବା କାଏଲ୍‌ନୁ ମୁଲ୍ ହେବା । ସ୍ୱଟ୍ ନାଁଲେଖା ଏପ୍ରିଲ୍ ୬ ତାରିଖ୍‌ତକ୍ ଚାଲ୍‌ବା । ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆର୍ ସ୍କୁଲ୍ ଅଫ୍ ସର୍ଭିସେସ୍ ପାଠ୍ୟକ୍ରମ୍ ଅଧୀନ୍‌ଥି ଥିବା ୭ ଟା ବିଷେଥି ନାଁଲେଖା ସଖାଲର୍ ୯ ନୁ ଉପର୍‌ବେଲା ୫ ବଜାତକ୍ ଚାଲ୍‌ବା ।

ରାଜ୍ୟର୍ ଯୋଗ୍ୟ ଆର୍ ଆଗ୍ରହୀ ପ୍ରାର୍ଥୀମାନେ ନାଁଲେଖାବାର୍‌କେ ଦର୍‌କାରୀ ପ୍ରମାଣ୍‌ପତ୍ର ସାଙ୍ଗେ ଆନିକରି ଆଏବାର୍ ଲାଗି ବିଶ୍ୱ ଦକ୍ଷତା କେନ୍ଦ୍ର ତର୍‌ଫୁ କୁହାଯାଇଛେ ।

ଡିଜିପି ଡିସ୍କ ଆୱାର୍ଡ଼                ଆର୍‌ଏନ୍‌ୟୁ / ସମ୍ବଲପୁର

୨୦୨୩-୨୪ ବଛର୍ ଲାଗି ଶହେ ୮ ଝନ୍ ପୁଲିସ୍ ଅଧିକାରୀ ଆର୍ କର୍ମଚାରୀଙ୍କୁ ଡିଜିପି ଡିସ୍କ ଆୱାର୍ଡ଼ ପ୍ରଦାନ୍ କରାଯିବା । ଆଏବା ଏପ୍ରିଲ୍ ମାସର୍ ୧ ତାରିଖ୍ ଦିନ ହେବାର୍‌କେ ଥିବାର୍ ଅଣାନବେ ତମ ପୁଲିସ୍ ପ୍ରତିଷ୍ଠା ଦିବସ୍ ଅବ୍‌ସରେ ଇ ପୁରସ୍କାର୍ ଦିଆଯିବା ବଲି ପୁଲିସ୍ ମୁଖ୍ୟାଲୟ ତର୍‌ଫୁ କୁହାଯାଇଛେ । ଇ ପୁରସ୍କାର୍ ପାଏବାର୍ ଲାଗି ୬ ଝନ୍ ଆଇପିଏସ୍ ଅଧିକାରୀ ଭିଲ୍ ମନୋନୀତ ହେଇଛନ୍ ।

ବେଆଇନ୍ ଗାଡ଼ି ପାର୍କିଂ -ଏସ୍‌ଏମ୍‌ସି        ଆର୍‌ଏନ୍‌ୟୁ / ସମ୍ବଲପୁର

ରାସ୍ତା ତରାଥି ବେଆଇନ୍ ଗାଡ଼ି ପାର୍କିଂ କରିଥିଲେ ମହାନଗର୍ ନିଗମ୍‌ର ଟୋଇଙ୍ଗ୍ ଭେଇକିଲ୍ ଆସିକରି ସେ

ଗାଡ଼ିମାନ୍‌କୁ ଉଠେଇ ନେଇଯିବା ବଲି ସମ୍ବଲ୍‌ପୁର୍ ମ୍ୟୁନିସିପାଲ୍ କର୍ପୋରେସନ୍ - ଏସ୍‌ଏମ୍‌ସି ଆୟୁକ୍ତ ବେଦଭୂଷଣ ସୂଚ୍‌ନା ଦେଇଛନ୍ । ଇଥିର୍‌ଲାଗି ଆଏବାକାଏଲ୍ ଟୋଇଙ୍ଗ୍ ଭେଇକିଲ୍ ସମ୍ବଲ୍‌ପୁର୍ ପୁହୁଁଚିବା ବଲି ଏସ୍‌ଏମ୍‌ସି ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।
ଇନ ଜନେଇ ଦିଆଯାଇପାରେ ଯେ, ରାସ୍ତା ଉପ୍‌ରେ ବେଆଇନ୍ ଗାଡ଼ି ପାର୍କିଂ ଲାଗି ରାସ୍ତା ସାଁକୁର୍ ହେବାର୍ ସହେତେ ଯା'ଆସ୍‌ଥି ଅସୁବିଧା ହେଉଛେ ଆର୍ ଦୁର୍ଘଟଣା ଘଟୁଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ ଓଡ଼ିଶାର୍ ବଲାଙ୍ଗିର୍, କଲାହାଣ୍ଡି, ସୋନ୍‌ପୁର୍, ବୌଦ୍ଧ ସହେତେ ରାଜ୍ୟର୍ କେତେଟା ଜାଗା ନ ଆଏଜ୍ ଘଡ଼୍‌ଘଡ଼ି ସାଙ୍ଗେ ହଲ୍‌କା ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଗଲାକାଏଲ୍ ବେଲ୍‌ବୁଡ଼େ ପଶ୍ଚିମ ଓଡ଼ିଶାର୍ କେତେ ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇଯାଇଛେ ।

ସେଆଡ଼େ ଓଡ଼ିଶାର୍ ଭିତ୍‌ରିଆ ଇଲାକ ନ ତାତି ବଢୁଥିବାର୍ ବେଲେ ଆଏବା ୨୮ ତାରିଖ୍‌ନୁ ତାତି ଆର୍ ବଢ଼୍‌ବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।